**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**5 April – 2026**

# କ୍ୟାବିନେଟ୍

ରାଜ୍ୟରେ ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଚଳିତ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ପ୍ରଣୟନ କରିବାକୁ ନିଷ୍ପତ୍ତି ନିଆଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତ ସଂଧ୍ୟାରେ ଭୁବନେଶ୍ୱର ଲୋକସେବା ଭବନଠାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ହୋଇଛି । ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି...

**V/O**

ଏଥିସହ ୧୩ଟି ବିଭାଗର ୧୬ଟି ପ୍ରସ୍ତାବକୁ ବୈଠକରେ ମଞ୍ଜୁରୀ ପ୍ରଦାନ କରାଯାଇଛି। ବଡମ୍ବା ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବା, ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଯୋଜନାକୁ ଅନୁମୋଦନ, ଡାକ୍ତରୀ ଓ ବୈଷୟିକ ଶିକ୍ଷାରେ ଅନୁସୂଚିତ ଜାତି ଜନଜାତି ତଥା ପଛୁଆବର୍ଗଙ୍କ ପାଇଁ ସିଟ୍‌ସଂଖ୍ୟା ବୃଦ୍ଧି ଏବଂ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ସ୍ଥଗିତ ରଖାଯିବା ଆଦି ନିଷ୍ପତ୍ତି ଅନ୍ତର୍ଭୁକ୍ତ ।

## ସଡ଼କ ଯୋଗାଯୋଗ-ମଞ୍ଜୁର

ରାଜ୍ୟର କୁରୁମପୁରୀ-ରାଜଖରିଆର ସେକ୍ସନର ସଡ଼କ ଯୋଗାଯୋଗ ଉନ୍ନତିକରଣ ପାଇଁ ବ୍ୟୟ ଅଟକଳ ମଞ୍ଜୁର ହୋଇଥିବା କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ସୂଚନା ଦେଇଛନ୍ତି। ନୂଆପଡା ଏବଂ ବଲାଙ୍ଗିର ଜିଲ୍ଲାର ଜାତୀୟ ରାଜପଥ ୩୫୩ ଓ ୫୯ର ୧୦୩ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତାର ଉନ୍ନତିକରଣ ପାଇଁ ୪୪୭କୋଟି ୧୧ଲକ୍ଷ ଟଙ୍କା ବ୍ୟୟ କରାଯିବ । ଏହି ପ୍ରକଳ୍ପ ଆଞ୍ଚଳିକ ଏବଂ ଆନ୍ତଃରାଜ୍ୟ ସଂଯୋଗୀକରଣକୁ ଅଧିକ ସଶକ୍ତ କରିବ ବୋଲି ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ହାଇଟେକ୍ ସର୍ଭେ କାର୍ଯ୍ୟ-ନିର୍ଦ୍ଦେଶ

ସୁବର୍ଣ୍ଣପୁର ଜିଲ୍ଲାରେ ହାଇଟେକ୍ ସର୍ଭେ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନଠାରେ ଗତକାଲି ଏ ସମ୍ପର୍କିତ ଏକ ବୈଠକରେ ଯୋଗଦେଇ ଶ୍ରୀ ପୂଜାରୀ ଇତିମଧ୍ୟରେ ଶେଷ ହୋଇଥିବା ସର୍ଭେ କାର୍ଯ୍ୟ ପରିପ୍ରେକ୍ଷୀରେ ଗ୍ରାମ ଗୁଡ଼ିକର ପଟ୍ଟା ପ୍ରସ୍ତୁତ କରି ଭୂଲେଖରେ ଅପ୍‌ଲୋଡ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୩ଟି ପର୍ଯ୍ୟାୟରେ ୪୫ଦିନ ମଧ୍ୟରେ ପଟ୍ଟା ବଣ୍ଟନ କାର୍ଯ୍ୟ ଶେଷ କରିବାକୁ କୁହାଯାଇଛି ।

# ବୈଠକ

ରାଜ୍ୟରେ ଜାରି ରହିଥିବା ବିଭିନ୍ନ ସଡ଼କ ଯୋଗାଯୋଗ ପ୍ରକଳ୍ପର ସ୍ଥିତି ନେଇ ଏକ ସମୀକ୍ଷା ବୈଠକ ଗତକାଲି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୂର୍ତ୍ତ ଓ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ୩ ବର୍ଷ ପାଇଁ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ରୂପରେଖ ପ୍ରସ୍ତୁତି ନେଇ ଆଲୋଚନା ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ୩ହଜା ୩୦୦ କିଲୋମିଟର ରାସ୍ତାର ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରବିାକୁ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି ।

# ସାମଗ୍ରିକ ବ୍ୟୟ ବୃଦ୍ଧି

ଗତ ଆର୍ଥିକ ବର୍ଷରେ ରାଜ୍ୟରେ ବଜେଟ୍ ଅନୁମୋଦନ ଅନୁସାରେ ସାମଗ୍ରିକ ବ୍ୟୟ ପୂର୍ବବର୍ଷତୁଳନାରେ ୮ ଦଶମିକ ୮ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡିଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ସଚିବସ୍ତରୀୟ ବୈଠକରୁ ଏହି ସୂଚନା ମିଳିଛି । ବୈଠକରେ ଅର୍ଥ ବିଭାଗ ପକ୍ଷରୁ ଗତ ମାର୍ଚ୍ଚ ମାସ ଶେଷସୁଦ୍ଧା ରାଜ୍ୟର ଆର୍ଥିକ ପ୍ରଦର୍ଶନ, ବ୍ୟୟ ଏବଂ ରାଜସ୍ୱ ଆଦାୟ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରାଯାଇଛି । ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ସାମଗ୍ରିକ ଭାବେ ବ୍ୟୟ ୧୦ ପ୍ରତିଶତ ବୃଦ୍ଧି ପାଇଥିବା ବୈଠକରୁ ଜଣାପଡିଛି।

# ଶକ୍ତିକାନ୍ତ ଦାସ-ପରିଦର୍ଶନ

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ ଗତକାଲି ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ପ୍ରଶିକ୍ଷାର୍ଥୀଙ୍କୁ ଆନ୍ତର୍ଜାତୀୟ ମାନଦଣ୍ଡ ଆଧାରିତ ତାଲିମ ପ୍ରଦାନ ଉପରେ ଶ୍ରୀ ଦାଶ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆୟୋଜିତ ଏକ ବୈଠକରେ ସରକାର, ଶିଳ୍ପସଂସ୍ଥା ଏବଂ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ର ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଦକ୍ଷତା ବିକାଶ କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବାକୁ ଶ୍ରୀ ଦାସ ପରାମର୍ଶ ଦେଇଛନ୍ତି ।

# ସିଲିଣ୍ଡର କଳାବଜାର

ଗଞ୍ଜାମ ଜିଲ୍ଲାରେ ଗ୍ୟାସ୍ ସିଲିଣ୍ଡର କଳାବଜାରକୁ ପ୍ରତିହତ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ଜିଲ୍ଲାର ବିଭିନ୍ନ ସ୍ଥାନରୁ ଗତକାଲି ସୁଦ୍ଧା ୧୦୮ଟି ସିଲିଣ୍ଡର ଜବତ ହୋଇଥିବାବେଳେ ୧୭ଟି ମାମଲା ରୁଜୁ ହୋଇଛି । ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଜାଳେଣି ସଙ୍କଟ ପରିଚାଳନା ସଂଘର ପ୍ରଥମ ବୈଠକରେ ବ୍ଲକସ୍ତରୀୟ କାର୍ଯ୍ୟାନ୍ୱୟନ ଦଳ ଗଠନ କରିବାକୁ ପରାମର୍ଶ ଦିଆଯାଇଛି ।

## ଗ୍ୟାସ୍ କଳାବଜାରୀ-ଚଢ଼ଉ

ଖୋର୍ଦ୍ଧା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ପୁବୁସାହି ଛକଠାରେ ଗ୍ୟାସ୍ କଳାବଜାରୀ ନେଇ ଏକ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ଉ କରାଯାଇଥିଲା । ପ୍ରତିଷ୍ଠାନର ମୁଖ୍ୟଙ୍କ ବାସଭବନରୁ ୧୫ଟି ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଛି । କଳାବଜାରୀ ପ୍ରତିହତ କରିବା ଲକ୍ଷ୍ୟ ନେଇ ଏକ ତଦନ୍ତକାରୀ ଦଳ ଗଠନ କରାଯାଇଥିବା ଜିଲ୍ଲା ଯୋଗାଣ ବିଭାଗ ସୂଚନା ଦେଇଛି ।

## ଯୋଜନାର ସମୀକ୍ଷା

ନୂଆପଡା ଜିଲ୍ଲାରେ ଶିଶୁସୁରକ୍ଷା ୟୁନିଟ୍ ଅଧୀନରେ କାର୍ଯ୍ୟକାରୀ ରହିଥିବା ବିଭିନ୍ନ ଯୋଜନାର ସ୍ଥିତି ନେଇ ସମୀକ୍ଷା କରାଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨୦୨ଜଣ ଶିଶୁଙ୍କୁ ବିଭିନ୍ନ ଯୋଜନା ଅଧୀନରେ ସହାୟତା ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ୩ଜଣ ଶିଶୁଙ୍କୁ ପୋଷ୍ୟଭାବେ ଗ୍ରହଣ କରିବା କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ୧୪ଜଣ ପ୍ରବାସ ଫେରନ୍ତାଙ୍କୁ ଚିହ୍ନଟ କରାଯାଇ ଥଇଥାନ କରାଯାଇଥିବା ଜଣାପଡିଛି ।

# ଭୂମିକମ୍ପ

କୋରାପୁଟ ଓ ମାଲକାନଗିରି ଜିଲ୍ଲାର କେତେକ ଅଞ୍ଚଳରେ ଗତ ରାତି ପ୍ରାୟ ସାଢ଼େ ୧୧ଟାରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି । କୋରାପୁଟର ସୁନାବେଡା, ସେମିଳିଗୁଡା, ଜୟପୁର ସହର, ବୈପାରୀଗୁଡା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରାୟ ୧୦ ସେକେଣ୍ଡ ପର୍ଯ୍ୟନ୍ତ ଭୂମିକମ୍ପ ହୋଇଥିବା ଜଣାପଡିଛି । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ଥିଲା ୪ ଦଶମିକ ୪ । ମାଲକାନଗିରି ଜିଲ୍ଲାର ମାଥିଲି, ଗୋବିନ୍ଦପାଲି, ଖଇରପୁଟ ଓ କୃଷ୍ଣାଓ୍ୱାଡା ଅଞ୍ଚଳରେ ଭୂମିକମ୍ପ ଅନୁଭୂତ ହୋଇଛି ।

# ସମୀକ୍ଷା

ମାଲକାନଗିରି ଜିଲ୍ଲା କାଲିମେଲା କନ୍ୟାଶ୍ରମ ନିକଟସ୍ଥ ନିର୍ମାଣାଧୀନ ଉଚ୍ଚକ୍ଷମତାସମ୍ପନ୍ନ ବ୍ରିଜ୍ କାର୍ଯ୍ୟର ଜିଲ୍ଲାପାଳ ପ୍ରଥମେସ୍ ଅରବିନ୍ଦ ରାଜଶିରକେ ସମୀକ୍ଷା କରିଛନ୍ତି । କ୍ଷେତ୍ରୀୟ ପରିଦର୍ଶନରେ ଯାଇ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କ ସହ କାର୍ଯ୍ୟସ୍ଥିତି ନେଇ ଆଲୋଚନା କରିଛନ୍ତି । ନିର୍ଦ୍ଧାରିତ ସମୟସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଶ୍ରୀ ରାଜଶିରକେ ନିର୍ଦ୍ଦେଶ ଦେଇଛନ୍ତି ।

# ବୈଠକ

ପୁରୀ ଶ୍ରୀମନ୍ଦିର ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରା ନୀତି ନିର୍ଘଣ୍ଟ ପ୍ରସ୍ତୁତି ନେଇ ଆସନ୍ତା ମଙ୍ଗଳବାର ଦିନ ଛତିଶାନିଯୋଗ ଓ ନୀତି ସବ୍‌କମିଟି ବୈଠକ ଅନୁଷ୍ଠିତ ହେବ । ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଅପରାହ୍ଣରେ ପ୍ରଥମେ ଛତିଶାନିଯୋଗ ବୈଠକ ଏବଂ ପରେ ନୀତି ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇ ଚନ୍ଦନଯାତ୍ରା ସମ୍ପର୍କିତ ନୀତି ନିର୍ଘଣ୍ଟ ଚୂଡାନ୍ତ କରାଯିବ ।

# ଦୌଡ଼କୁଦ ଚାମ୍ପିୟନସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ବିଶ୍ୱ ଇନ୍‌ଡୋର ଦୌଡ଼କୁଦ ଚାମ୍ପିୟନସିପ୍ ୨୦୨୮ ଆୟୋଜିତ ହେବ । ଏଥିପାଇଁ ବିଶ୍ୱ ଦୌଡ଼କୁଦ ସଂଘ ପକ୍ଷରୁ ଅନୁମତି ମିଳିସାରିଛି । ୨୦୨୮ ମାର୍ଚ୍ଚ ୩ ରୁ ୫ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗତ ସଂଧ୍ୟାରେ କଳିଙ୍ଗ ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରତିଯୋଗିତାର ପତାକା ପ୍ରଦାନ କରିଛନ୍ତି ।